EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :1**
**CLASS :3**
**SUBJECT : ODIA**
**CHAPTER NUMBER: 07**
**CHAPTER NAME :** ଆସ ବୁଲିଯିବା ଭଙ୍ଗାରିକା
**SUBTOPIC :** ପାଠର ପୁନରାବୃତ୍ତି,ଅଭ୍ୟାସ-୧ ୨ ଓ ସୃଜନାତ୍ମକ ଲିଖନ

CHANGING YOUR TOMORROW

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ ଚିନ୍ତନ ଶୈଳୀ ର ଅଭିବୃଦ୍ଧି କରାଇବା |



ODM EDUCATIONAL GROUP

# ଆସ ବୁଲିଯିବା ଭଟ୍ଟାରିକା




ODM
EDUCATIONAL GROUP
Changing your Tomorrow



ODM EDUCATIONAL GROUP
Changing your Tomorrow

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କଲେ । ଦୁଷ୍ମନ୍ତ




ODM EDUCATIONAL GROUP



ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ ।"

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଅଟ୍ଟାତାମସା କଲେ । ପଦ୍ୟାନ୍ତ ଓ ଅଟ୍ଟାତାମସା ଭିତରେ ଗାଡ଼ି ଭଟ୍ଟାରିକାରେ ପହଂଚିଗଲା ।

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୧୨ ଦୁଇ ଧାଡି ପଢି ଖାଲିସ୍ଥାନ ପୂରଣ କର |

ଯେପରି : ଗରମ ଗରମ ଭାତ
ଗରମ ଗରମ ବରା

ଗରମ ଗରମ ଖିରି
ଗରମ ଗରମ ପୁରି _

ଗରମ ଗରମ ପିଆଜି
ଗରମ ଗରମ ପକୁଡି _

ଗରମ ଗରମ ରୁଟି
ଗରମ ଗରମ ଡାଲି _

ODM EDUCATIONAL GROUP
Changing your Tomorrow

# ସୃଜନାତ୍ମକ ଲିଖନ



କୁକୁର



# ସୃଜନାତ୍ମକ ଲିଖନ

## କୁକୁର



ଏହା ଏକ କୁକୁରର ଛବି
ଏହା ଏକ ଗୃହ ପାଳିତ ପଶୁ ଅଟେ |
ଏହାର ଚାରୋଟି ଗୋଡ,ଦୁଇଟି କାନ,ଦୁଇଟି ଆଖି ,ଗୋଟିଏ ପାଟି,
ଗୋଟିଏ ନାକ ଓ ଗୋଟିଏ ଲାଞ୍ଜ ଅଛି |
ଏମାନେ ବିଭିନ୍ନ ରଙ୍ଗ ଓ ବିଭିନ୍ନ ପ୍ରଜାତିର ଦେଖାଯାନ୍ତି |
ଏହା ଦିନ ରାତି ଆମ ଘର ଜଗେ ଓ ଅଜଣା ଲୋକଙ୍କୁ ଦେଖିଲେ ଭୁକେ|
ଏହାର ଶ୍ରବଣ ଓ ଆଘ୍ରାଣ ଶକ୍ତି ପ୍ରଖର ଅଟେ |
ଏହା ଆମକୁ ପ୍ରକୃତ ବନ୍ଧୁ ଭଳି ସାହାଯ୍ୟ କରେ |
ଏହା ଏକ ଚତୁର ବିଶ୍ୱସ୍ତ ପ୍ରାଣୀ ଅଟେ |

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

୧ –ଦୁଷ୍ମନ୍ତ ବାବୁଙ୍କ ଘର କେଉଁ ଠାରେ ଅବସ୍ଥିତ ?

୨ –ଦୁଷ୍ମନ୍ତ ବାବୁ କୁଆଡେ ବୁଲିଯିବା ପାଇଁ ଯୋଜନା କଲେ ?

୩ – ଦୁଷ୍ମନ୍ତ ବାବୁ କେଉଁ ମାନଙ୍କୁ ନେଇ ବୁଲି ବାହାରିଲେ ?

୪ –ଭଙ୍ଗାରିକା ରେ କିଏ ପୂଜା ପାଆନ୍ତି ?

୫ –ଜେଜେଙ୍କର କଣ ନେବାକୁ ସେମାନେ ଭୁଲିଲେ ନାହିଁ ?

୬ – ଗାଡି ଆସି କେଉଁ ଠାରେ ରହିଲା ?

୭ –ଗାଡିଟି ମନ୍ଥର ଗତିରେ କେଉଁଠାରେ ଚାଲିଲା ?

୮ –ଖାଦ୍ୟ ନ ଖାଇଲେ କଣ ହେବ ବୋଲି ଜେଜେ କହିଲେ ?

୯-ପିଲାମାନେ ଜେଜେଙ୍କୁ କଣ କହିବା ପାଇଁ ଅନୁରୋଧ କଲେ ?

୧୦ –ପଦ୍ୟାନ୍ତ ଓ ଅଙ୍ଗାତାମସା ଭିତରେ ଗାଡିଟି କେଉଁଠାରେ ପହଂଚିଗଲା ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ |



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ସୃଜନାତ୍ମକ ଚିନ୍ତାଧାରା,
ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP